Ph : 0674-2393464
2395979

# BIJU JANATA DAL

Qrs. No. 6R-3, Unit-VI, Bhubaneswar (Odisha)

ପତ୍ର ସଂଖ୍ୟା:୨୪.......ପି.ଆର୍.ଏସ୍/ଓ.ଆର୍.ଜି/ବିଜେଡି/୨୦

ତା:୨୨.୧୨.୨୦୨୦

ପ୍ରାପ୍ତେଷୁ,

ବିଜୁ ଜନତା ଦଳର ସମସ୍ତ ରାଜ୍ୟ କର୍ମକର୍ତ୍ତା/ଜିଲ୍ଲା ପର୍ଯ୍ୟବେକ୍ଷକ/ସାଂସଦ/ ବିଧାୟିକା,ବିଧାୟକ/ ବିଧାୟକ ପ୍ରାର୍ଥୀ/ ଜିଲ୍ଲା ସଭାପତି/ ପ୍ରମୁଖ ଦଳୀୟ ସଂଗଠନ ରାଜ୍ୟ ସଭାପତି/ ବ୍ଲକ ଓ ନଗର ସଭାପତି ।

ବିଷୟ : ବିଜୁ ଜନତା ଦଳର ୨୪ ତମ ପ୍ରତିଷ୍ଠା ଦିବସ ।

ମହାଶୟା/ମହାଶୟ,

ଆସନ୍ତା ଡିସେମ୍ବର ୨୬ରେ ବିଜୁ ଜନତା ଦଳ ତା'ର ୨୪ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ଏହା ରାଜ୍ୟବାସୀଙ୍କ ସେବାରେ ନିଜକୁ ବିଗତ ୨୩ ବର୍ଷ ଧରି ଉତ୍ସର୍ଗ କରିଥିବା ଏକ ଆଞ୍ଚଳିକ ରାଜନୈତିକ ଦଳ ପାଇଁ କମ୍ ଗୌରବର କଥା ନୁହେଁ । ଏ ଅବସରରେ ଆପଣମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

କୋଭିଡ୍ ମହାମାରୀ ପରିସ୍ଥିତିରେ ଆପଣମାନେ ଯେଉଁଭଳି ଧୈର୍ଯ୍ୟ, ତ୍ୟାଗ, ନିଷ୍ଠା ଏବଂ ଉତ୍ସର୍ଗୀକୃତ ସେବା ମନୋଭାବ ପ୍ରଦର୍ଶନ କରିଛନ୍ତି, ସେଥିପାଇଁ ମୁଁ ଗର୍ବିତ । ଏଭଳି ଏକ କଷ୍ଟକର ସମୟରେ ଆପଣମାନେ କରୋନା ମହାମାରୀକୁ ସଫଳତାର ସହିତ ମୁକାବିଲା କରିବା ପାଇଁ ଯେଉଁଭଳି ସହଯୋଗର ହାତ ବଢ଼ାଇଛନ୍ତି, ସେଥିପାଇଁ ମୁଁ ଆପଣଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଛି । କୋଭିଡ୍ ମହାମାରୀକୁ ନିୟନ୍ତ୍ରଣ କରିବାରେ ଆପଣମାନେ ପ୍ରମୁଖ ଯୋଦ୍ଧାର ଭୂମିକା ଗ୍ରହଣ କରିଛନ୍ତି । କୋଭିଡ୍ ସଂକ୍ରମଣକୁ ନିୟନ୍ତ୍ରଣରେ ରଖିବାରେ ଆପଣମାନଙ୍କର ତ୍ୟାଗ, ନିଷ୍ଠା ଓ ସହଯୋଗ ଆଜି ପୁଣିଥରେ ଆମ ରାଜ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆମ କୋଭିଡ୍ ପରିଚାଳନାକୁ ସମଗ୍ର ବିଶ୍ୱରେ ଜନସହଯୋଗର ଏକ ଅଭୂତପୂର୍ବ ଉଦାହରଣ ଭାବରେ ଅଭିହିତ କରି ଓଡ଼ିଶାବାସୀଙ୍କ ସହଯୋଗର ଭୂୟସୀ ପ୍ରଶଂସା କରିଛନ୍ତି । କୋଭିଡ଼ ସଂକ୍ରମିତଙ୍କ ଟେଷ୍ଟିଂଠାରୁ ଚିକିତ୍ସା ପର୍ଯ୍ୟନ୍ତ ସବୁ ଖର୍ଚ୍ଚ ଆମ ସରକାର ବହନ କରିବା ସହିତ ସଂକ୍ରମଣରୁ ସର୍ବାଧିକ ଲୋକଙ୍କୁ ସୁସ୍ଥ କରିବା ଏବଂ ମୃତ୍ୟୁହାରକୁ ସର୍ବନିମ୍ନ ସ୍ତରରେ ସୀମିତ ରଖିବାରେ ଆମେ ଦେଶରେ ଏକ ଅଗ୍ରଣୀ ରାଜ୍ୟ ।

ଓଡ଼ିଶାର ଅଗଣିତ ଜନସାଧାରଣଙ୍କ ଅକୁଣ୍ଠ ସମର୍ଥନରେ ବିଜୁ ବାବୁଙ୍କ ନୀତି ଏବଂ ଆଦର୍ଶରେ ଗଠିତ ଏହି ଆଞ୍ଚଳିକ ଦଳ ଓଡ଼ିଶାବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛି । ଦଳର କର୍ମକର୍ତ୍ତା ତଥା ଗାଁରୁ ସହର ସବୁଠି ଲୋକସେବାରେ ନିୟୋଜିତ ଅଗଣିତ କର୍ମୀଙ୍କର ନିଷ୍ଠା, କଠିନ ପରିଶ୍ରମ ଓ ତ୍ୟାଗ ବିଜୁ ଜନତା ଦଳକୁ ଲୋକଙ୍କ ନିକଟତର କରିଛି ।

ଆସନ୍ତା ୨୬ ତାରିଖ ବିଜୁ ଜନତା ଦଳର ୨୪ତମ ପ୍ରତିଷ୍ଠା ଦିବସ **ରାଜ୍ୟ ସ୍ତରରେ ଏବଂ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ସ୍ତରରେ** ସମସ୍ତ ଦଳୀୟ କର୍ମକର୍ତ୍ତା, ପ୍ରମୁଖ ଦଳୀୟ ସଙ୍ଗଠନର ସଦସ୍ୟ ତଥା ଦଳୀୟ କର୍ମୀମାନଙ୍କୁ ସାଙ୍ଗରେ ନେଇ **କୋଭିଡ଼ ନିୟମର କଡ଼ାକଡ଼ି ଅନୁପାଳନ ସହ** ପାଳନ କରିବା ପାଇଁ ନିଷ୍ପତ୍ତି ନଆଯାଇଛି ।

ଆଜିଠାରୁ ବର୍ଷ ସାରା ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମ, ସମାଜ କଲ୍ୟାଣ କାର୍ଯ୍ୟକ୍ରମ ଏବଂ ଲୋକସେବା ମାଧମରେ ରାଜ୍ୟବାସୀଙ୍କ ଆହୁରି ନିକଟତର ହେବା, ଦଳୀୟ ଏକତା, ଶୃଙ୍ଖଳା ବଜାୟ ରଖି ତ୍ୟାଗ ଏବଂ ନିଷ୍ଠାର ସହିତ ଓଡ଼ିଶାବାସୀଙ୍କ ସେବାରେ ନିଜକୁ ପୂର୍ଣ୍ଣ ପ୍ରାଣରେ ସମର୍ପିତ କରିବା ହିଁ ହେବ ଏହି ପ୍ରତିଷ୍ଠା ଦିବସରୁ ଆମର ଆଗାମୀ କାଲି ପାଇଁ ଦଳୀୟ କାର୍ଯ୍ୟକ୍ରମର ଖସଡ଼ା । ଆଜି ଏହି ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟବାସୀଙ୍କର ଆମ ଉପରେ ରହିଥିବା ଆସ୍ଥା ବଜାୟ ରଖିବା, ଜନସେବାକୁ ଆମ ରାଜନୀତିର ମୂଳମନ୍ତ୍ର ଭାବରେ ଗ୍ରହଣ କରି କାମ କରିବା ।

୨୪ ତମ ପ୍ରତିଷ୍ଠା ଦିବସ ଅବସରରେ ଆପଣଙ୍କୁ ତଥା ମୋର ପ୍ରିୟ ଓଡ଼ିଶାବାସୀଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ । ଆମେ ସଭିଏଁ ଓଡ଼ିଶା ପାଇଁ ସମର୍ପିତ, ଆସନ୍ତୁ ଆଜି ପୁଣିଥରେ ୨୪ତମ ପ୍ରତିଷ୍ଠା ଦିବସ ଅବସରରେ ନିଜକୁ ଓଡ଼ିଶାବାସୀଙ୍କ ସେବାରେ ପୁନଃ ସମର୍ପିତ କରି ରାଜ୍ୟ ପାଇଁ ନିଜର ପ୍ରତିବଦ୍ଧତା ଦୋହରାଇବା । **ସମସ୍ତେ କୋଭିଡ୍ ନିୟମ ମାନି ଚଳିବା, କୋଭିଡ୍ ସଂକ୍ରମଣରୁ ଦୂରରେ ରହିବା ।**

ବନ୍ଦେ ଉତ୍କଳ ଜନନୀ ।

॥ ଇତି ॥

ଆପଣଙ୍କର,

ନବୀନ ପଟ୍ଟନାୟକ

(ନବୀନ ପଟ୍ଟନାୟକ)

ସଭାପତି ।

ସଭାପତି
ବିଜୁ ଜନତାଦଳ
ଓଡ଼ିଶା